# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**2 April – 2025**

**News Editor : Tapan Kumar Moharana**

*************************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଉପସ୍ଥାପିତ ହେଲା ସିଏଜି ରିପୋର୍ଟ

— ଲଘୁ ଖଣିଜ ପଦାର୍ଥ ଖନନରୁ ପ୍ରାପ୍ତ ରାଜସ୍ୱ ଅଣଟିକସ ରାଜସ୍ୱର ମୁଖ୍ୟ ଉତ୍ସ

— ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୪କୁ ଗୃହରେ ଉପସ୍ଥାପନ କଲେ ଉଚ୍ଚଶିକ୍ଷାମନ୍ତ୍ରୀ

- ୱାକଫ ବୋର୍ଡକୁ ସମାବେଶୀ ଓ ଧର୍ମନିରପେକ୍ଷ କରିବା ପାଇଁ ଲୋକସଭାରେ ଆଗତ ହେଲା ୱାକଫ ସଂଶୋଧନ ବିଲ୍

- ଜାତୀୟ ଶିକ୍ଷାନୀତି ୨୦୨୦ ଅଧୀନରେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଆଜିଠାରୁ ଆରମ୍ଭ ହେଲା ଶିଶୁବାଟିକାରେ ଖଡିଛୁଆଁ

ଏବଂ

- ଶ୍ରୀମନ୍ଦିରରେ ଆଜି ବନକଲାଗିନୀତି ପାଇଁ ଅପରାହ୍ଣ ୫ଟାରୁ ୫ ଘଣ୍ଟା ପାଇଁ ବନ୍ଦ ରହିଛି ସର୍ବସାଧାରଣ ଦର୍ଶନ

## ସିଏଜି ରିପୋର୍ଟ

ବିଧାନସଭାର ଅପରାହ୍ଣ ଅଧିବେଶନରେ ଆଜି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ ସିଏଜି ରିପୋର୍ଟ ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ରିପୋର୍ଟ ଉପସ୍ଥାପନ କରିଥିଲେ। ଉପସ୍ଥାପନ ପରେ ବିଧାନସଭା ବାହାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି, ଲଘୁ ଖଣିଜ ପଦାର୍ଥ ଖନନରୁ ପ୍ରାପ୍ତ ରାଜସ୍ୱ ଅଣଟିକସ ରାଜ୍ୟ ରାଜସ୍ୱର ମୁଖ୍ୟ ଉତ୍ସ। ୨୦୧୫ ମସିହାରୁ ୨୦୨୨ ମସିହା ମଧ୍ୟରେ ଲଘୁ ଖଣିଜ ରାଜସ୍ୱ ଆଦାୟର ପରିମାଣ ୨ ହଜାର ୯୬୮ କୋଟି ଟଂକାରୁ ଅଧିକ ଥିଲା। ଲଘୁ ଖଣିଜ ଉତ୍ସଗୁଡ଼ିକ ମଧ୍ୟରୁ ୧୪୭ଟି କାର୍ଯ୍ୟକ୍ଷମ ଅଛି ଏବଂ ୩୭୩ଟି ଖଣିଜ ଉତ୍ସ କାର୍ଯ୍ୟକ୍ଷମ ହୋଇନାହିଁ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ବିଧାନସଭା-କୋଶଳୀ ଭାଷା

ବିଧାନସଭା ବଜେଟ୍ ଅଧିବେଶନର ଆଜି ଷୋଡଶ ଦିନରେ  ଗୃହକାର୍ଯ୍ୟ ସ୍ୱାଭାବିକ ଚାଲିଛି। ବିଭିନ୍ନ ବିଭାଗର ୩୦ଟି ପ୍ରଶ୍ନ ମଧ୍ୟରୁ ଆଜି ଗୃହରେ ୪ଟି ପ୍ରଶ୍ନ ଉପରେ ଆଲୋଚନା ହୋଇଥିଲା। ଅପରାହ୍ଣ ଅଧିବେଶନରେ ଗୃହରେ ବିଭିନ୍ନ ରିପୋର୍ଟ ଉପସ୍ଥାପନ ସହ ପ୍ରସ୍ତାବ ଆଗତ କରାଯିବା ପରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୪କୁ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୃହରେ ଆଗତ କରିଥିଲେ। ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଏବଂ ଅଧ୍ୟାପକ ଚୟନ ସହ ଅଡିଟ୍‌ରେ ସ୍ୱଚ୍ଛତା ଆଣିବା ପାଇଁ ଏହି ବିଲ୍‌ରେ ବ୍ୟବସ୍ଥା ରହିଥିବା ଜଣାପଡିଛି। ଏଥିରେ ଅଣଷଠୀଟି ନୂତନ ଦିଗ

ରହିଛି । ଯେଉଁଥିରେ ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ ହୋଇପାରିବ ବୋଲି ଗୃହରେ ମତ ପ୍ରକାଶ ପାଇଛି । ଏହି ଆଲୋଚନାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ ପ୍ରମୁଖ ଅଂଶଗ୍ରହଣ କରି ବିଲ୍‌ଟିକୁ ଅଧିକ ତର୍ଜମା କରି ଚୟନ କମିଟିକୁ ପଠାଇବା ପରେ ପାରିତ କରିବା ପାଇଁ ମତ ଦେଇଥିଲେ ।

ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଗୃହରେ ଆଲୋଚନା ଜାରି ରହିଥିଲା ।

ଅଧିବେଶନର ପ୍ରଥମାର୍ଦ୍ଧରେ ପ୍ରଶ୍ନୋତ୍ତର ଏବଂ ଶୂନ୍ୟକାଳ ସୁରୁଖୁରୁରେ ଚାଲିଥିଲା । କୋଶଳୀ ଭାଷାକୁ ରାଜ୍ୟ ଭାଷାର ମାନ୍ୟତା ଦେବା ଲାଗି ବିଧାନସଭାରେ ଆଜି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଦାବି କରିଥିଲେ ।

## ଆର୍.ଏସ୍. - ଏକଲବ୍ୟ ସ୍କୁଲ୍

ଦେଶରେ ୭୨୮ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଆଜି ରାଜ୍ୟସଭାରେ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଓ୍ୱିକେ କହିଛନ୍ତି । ଏକ ଲିଖିତ ଉତ୍ତରରେ ସେ କହିଛନ୍ତି, ଏହାଦ୍ୱାରା ୩ ଲକ୍ଷ ୫୦ ହଜାର ତଫସିଲଭୁକ୍ତ ଜନଜାତି ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ । ଅଦ୍ୟାବଧି ମଞ୍ଜୁରୀପ୍ରାପ୍ତ ୭୨୧ଟି ବିଦ୍ୟାଳୟ ମଧ୍ୟରୁ ୪୭୭ଟି ବିଦ୍ୟାଳୟ କାର୍ଯ୍ୟକ୍ଷମ ରହିଛି । ସୂଚନାଯୋଗ୍ୟ, ୨୦୧୮-୧୯ ଶିକ୍ଷାବର୍ଷଠାରୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଥିଲା । ଏହି ଯୋଜନାରେ ୫୦ ପ୍ରତିଶତରୁ ଅଧିକ ତଥା ଅନ୍ୟୁନ ୨୦ ହଜାର ଆଦିବାସୀ ଜନସଂଖ୍ୟା ଥିବା

ଦେଶର ପ୍ରତ୍ୟେକ ବ୍ଲକ୍‌ରେ ଏଭଳି ବିଦ୍ୟାଳୟ ପ୍ରତିଷ୍ଠା ଲାଗି ନିଷ୍ପତ୍ତି ନିଆଯାଇଛି ।

## ଏଲ୍.ଏସ୍. - ୱାକଫ୍

ଲୋକସଭାରେ ୱାକଫ ସଂଶୋଧନ ବିଲ୍ ଉପରେ ଆଜି ଆଲୋଚନା ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବିଲ୍ ଆଗତ କରି କହିଛନ୍ତି, ମୁସଲ୍‌ମାନଙ୍କ ଧର୍ମୀୟ କାର୍ଯ୍ୟଧାରା ସହ ଏହାର କୌଣସି ସମ୍ପର୍କ ନାହିଁ। ଏହା କେବଳ ୱାକଫ୍ ବୋର୍ଡ଼ର ସମ୍ପତ୍ତି ସହିତ ଜଡ଼ିତ। ସରକାର ୱାକଫ୍ ବୋର୍ଡ଼କୁ ସମାବେଶୀ ଓ ଧର୍ମନିରପେକ୍ଷ କରିବାକୁ ଚାହୁଁଛନ୍ତି। ଏହି ବିଲ୍ ମସ୍‌ଜିଦ୍‌ଗୁଡ଼ିକର ପରିଚାଳନା ପାଇଁ  ଉଦ୍ଦିଷ୍ଟ ନୁହେଁ ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ ସ୍ପଷ୍ଟ କରିଛନ୍ତି। ଏହି ବିଲ୍ ଅନୁଯାୟୀ ୱାକଫ ବୋର୍ଡରେ ବିଭିନ୍ନ ବର୍ଗର ମୁସଲମାନ, ମହିଳା ଏବଂ ଅନ୍ୟ ଅଂଶୀଦାର ପ୍ରତିନିଧି ସଦସ୍ୟ ରହିବେ। ଶ୍ରୀ ରିଜିଜୁ କହିଛନ୍ତି, ୨୦୧୩ରେ ୟୁପିଏ ଶାସନ ସମୟରେ ୱାକଫ୍ ଆଇନରେ ହୋଇଥିବା ସଂଶୋଧନ ଅନ୍ୟ ଆଇନଗୁଡ଼ିକ ଉପରେ ଅଧିକ ପ୍ରଭାବ ପକାଇଥିଲା। ଯୁଗ୍ମ ସଂସଦୀୟ କମିଟି ବିଭିନ୍ନ କ୍ଷେତ୍ରରୁ ମତାମତ ଗ୍ରହଣ କରିବା ପରେ ସେମାନଙ୍କର ସୁପାରିସ ସରକାରଙ୍କୁ ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ ଗୃହରେ କହିଛନ୍ତି ।

ଆଲୋଚନାରେ ଭାଗ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ଯୁଗ୍ମ ସଂସଦୀୟ କମିଟିରେ ବିସ୍ତୃତ ଆଲୋଚନା ପରେ ଏହାକୁ ଆଗତ କରାଯାଇଛି ।

## ରାଜ୍ୟପାଳ

ଜାତୀୟ ମହିଳା ଛାତ୍ରସଂସଦ ମାଧ୍ୟମରେ ଯୁବପିଢ଼ିର  ମହିଳାଙ୍କ ସମ୍ଭାବନା ଓ ଶକ୍ତିର ଉପଯୋଗ ପାଇଁ ଏକ ଭିତ୍ତିଭୂମି ପ୍ରଦାନ କରିବାରେ ବିଶେଷ ସହାୟକ ହୋଇପାରିବ ବୋଲି  ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି କହିଛନ୍ତି। ଗଜପତି ଜିଲ୍ଲା ବି-ସୀତାପୁରର ଏକ ଘରୋଇ ବିଶ୍ୱବିଦ୍ୟାଳୟର ତୃତୀୟ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ରାଷ୍ଟ୍ରୀୟ ମହିଳା ଛାତ୍ର ସଂସଦ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ମହିଳାମାନଙ୍କ ବିବିଧ ଏବଂ ଗତିଶୀଳ ଅଂଶଗ୍ରହଣ, ପ୍ରତିନିଧିତ୍ୱ ପାଇଁ ଏହା ଉପାଦେୟ ସାବ୍ୟସ୍ତ ହେବ। ଯାହା ଆଗାମୀ ପିଢ଼ିର ମହିଳାଙ୍କୁ ସଶକ୍ତ କରିବ ବୋଲି ଶ୍ରୀ କମ୍ଭମ୍‌ପାଟି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ୩୦ଟି ବିଶ୍ୱବିଦ୍ୟାଳୟର ୧୨୦ ଜଣ ମହିଳା ପ୍ରତିନିଧିତ୍ୱ କରିଥିବାବେଳେ ବହୁ ସଂଖ୍ୟାରେ ପ୍ରଫେସର, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ।

# ଖଡ଼ିଛୁଆଁ ଉତ୍ସବ

‘ଜାତୀୟ ଶିକ୍ଷାନୀତି ୨୦୨୦’ ଅଧୀନରେ ରାଜ୍ୟରେ ପ୍ରଥମଥର ପାଇଁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଆଜି ଶିଶୁବାଟିକାର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ବଡ଼ଗଡ଼ ସରକାରୀ ଉଚ୍ଚବିଦ୍ୟାଳୟରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରି କହିଛନ୍ତି, ରାଜ୍ୟର ସମସ୍ତ ପିଲାଙ୍କୁ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ପିଲାମାନଙ୍କୁ ବିଦ୍ୟାଳୟକୁ ଆସିବା ପାଇଁ ଆକୃଷ୍ଟ କରିବା ଲାଗି ଖଡ଼ିଛୁଆଁ ଉତ୍ସବର ଆୟୋଜନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆସନ୍ତା ୪ ଦିନ ଧରି ଚାଲିବ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଜି ସକାଳ ୬ଟାରୁ ସ୍କୁଲ୍‌ଗୁଡ଼ିକ ଖୋଲାଯାଇଥିଲା ।

## ଖଡିଛୁଆଁ-ଧମେନ୍ଦ୍ର ପ୍ରଧାନ

ଛାତ୍ରଛାତ୍ରୀଙ୍କୁ ଉତ୍ତମ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଲକ୍ଷ୍ୟରେ ରାଜ୍ୟରେ ଖଡିଛୁଆଁ ଓ ବିଦ୍ୟାଳୟ ପ୍ରବେଶ ଉତ୍ସବକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଛନ୍ତି । ଏହି ଅଭିନବ ପଦକ୍ଷେପ ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଧନ୍ୟବାଦ ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିବା ସହ ଓଡ଼ିଆ ପକ୍ଷ ପାଳନ ହେଉଥିବା ସମୟରେ ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ଏଭଳି ବିଶେଷ କାର୍ଯ୍ୟକ୍ରମ ସ୍ୱାଗତ ଯୋଗ୍ୟ ବୋଲି ମତ ବ୍ୟକ୍ତ କରିଛନ୍ତି ।

## ଖଡିଛୁଆଁ-ଜିଲ୍ଲା

ଜିଲ୍ଲାସ୍ତରରେ ସ୍କୁଲ ପ୍ରବେଶ ଓ ଶିଶୁବାଟିକାରେ ଖଡିଛୁଆ ଉତ୍ସବ ଆରମ୍ଭ ହୋଇଛି ।

**ଝାରସୁଗୁଡ଼ା** ଜିଲ୍ଲା ତାଲପଟିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଖଡିଛୁଆଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅବୋଲୀ ସୁନୀଲ ନରୱ୍ୱଣେ ଉତ୍ସବକୁ ଶୁଭାରମ୍ଭ କରି ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ଓ ସ୍କୁଲବ୍ୟାଗ୍ ବଣ୍ଟନ କରିଥିଲେ । ଏହି ଅବସରରେ ଏକ ସଚେତନତା ରଥର

ଶୁଭାରମ୍ଭ କରାଯାଇଥିଲା । ଜିଲ୍ଲାର ୬୨୬ ବିଦ୍ୟାଳୟରେ ଏହି ଉତ୍ସବ ଅନୁଷ୍ଠିତ ହେବା ସହ ୪ ହଜାର ୪ଶହ ଅଣଷଠୀ ଜଣ ଶିଶୁଙ୍କୁ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ପ୍ରବେଶ କରାଯାଇଥିବା ନେଇ  ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି ।

**ଦେବଗଡ଼** ବାଳକ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଏହି ଉତ୍ସବକୁ ଶୁଭାରମ୍ଭ କରିବା ସହ ୩ଟି ସଚେତନତା ରଥକୁ ଉଦ୍‌ଘାଟନ କରିଛନ୍ତି । ଶିଶୁବାଟିକାରେ ନାମ ଲେଖାଇ ଛାତ୍ରଛାତ୍ରୀମାନେ ଏକ ଉତ୍ତମ ସଂଗଠିତ ଏବଂ ଅନୁଭୂତିମୂଳକ ଶିକ୍ଷଣ ପରିବେଶ ପାଇପାରିବେ ବୋଲି ଅତିଥିମାନେ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଥିଲେ ।

**ସମ୍ବଲପୁର** ସ୍ଥିତ ବ୍ରଜମୋହନ ପଟ୍ଟନାୟକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଥମିକ ବିଦ୍ୟାଳୟଠାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ କୁନିକୁନି ପିଲାମାନଙ୍କୁ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ସରକାରଙ୍କ ପକ୍ଷରୁ ଏଭଳି ନିଆରା ପଦକ୍ଷେପ ନିଆଯାଇଛି ବୋଲି ଆଲୋକପାତ କରିଥିଲେ ।

**ନୟାଗଡ଼** ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଅନୁଷ୍ଠିତ ଖଡିଛୁଆଁ ପ୍ରବେଶ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶୀଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ  ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଶିକ୍ଷାଧିକାରୀ ଯୋଗଦେଇ ପିଲାମାନଙ୍କୁ ସ୍କୁଲ ବ୍ୟାଗ୍ ସହିତ ପାଠ୍ୟଉପକରଣ ବଣ୍ଟନ କରିଥିଲେ । ପରେ ୮ଟି ଶିକ୍ଷା ରଥକୁ ଶୁଭାରମ୍ଭ କରାଯାଇଥିଲା ।

**ମାଲକାନଗିରି** ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ୭ଟି ରଥ ଜିଲ୍ଲାର ବିଭିନ୍ନ ପଞ୍ଚାୟତକୁ  ବୁଲି ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଜନ ସାଧାରଣଙ୍କୁ ସଚେତନ କରାଇବ ।

**ବରଗଡ଼** ଜିଲ୍ଲାର ଖଜୁର ଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ଅଧ୍ୟକ୍ଷତାରେ ଖଡିଛୁଆଁ ଦିବସ ପାଳିତ ହୋଇଛି ।

## ବନଲାଗିନୀତି

ଚୈତ୍ର ମାସ ଶୁକ୍ଳ ପଞ୍ଚମୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବାପରେ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ଗୁପ୍ତନୀତି ସମ୍ପନ୍ନ କରାଯାଉଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏହି ସମୟ ମଧ୍ୟରେ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇଛି ।

## ସ୍ୱଚ୍ଛତା ଅଭିଯାନ

**ବାଲେଶ୍ୱର** ଜିଲ୍ଲା ରୂପଖଣ୍ଡ ବେଳାଭୂମି ପାଣ୍ଡବଘାଟ ବାରୁଣୀ ପଡିଆଠାରେ ଏକ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମବାସୀ, ପର୍ଯ୍ୟଟକ ଓ ବେଳାଭୂମି ପରିବେଶକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ସହ ଜନ ଜାଗରଣ ସୃଷ୍ଟି ଉଦ୍ଦେଶ୍ୟରେ ଏହି ସଫେଇ କାର୍ଯ୍ୟକ୍ରମ କରାଯାଇଛି । ବେଳାଭୂମି ପରିବେଶ ସୁରକ୍ଷିତ ରହିଲେ ଅଧିକ

ସଂଖ୍ୟ ପର୍ଯ୍ୟଟକ ବାରୁଣୀ ଘାଟକୁ ଆସିବା ସହ ଏହାର ଗୁରୁତ୍ୱ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଥିଲା ।

## ପ୍ରତିଷ୍ଠା ଦିବସ

**ନୟାଗଡ଼** ଜିଲ୍ଲା ପ୍ରତିଷ୍ଠା ଦିବସ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ବିଭିନ୍ନ ଅତିଥିମାନେ ଯୋଗଦେଇ ଭାରତୀୟ ମୁକ୍ତି ସଂଗ୍ରାମରେ ନୟାଗଡ଼ ଜିଲ୍ଲାର ଉଲ୍ଲେଖନୀୟ ଅବଦାନ ରହିଥିବା ନେଇ ମତ ବ୍ୟକ୍ତ କରିଥିଲେ । ସୂଚନାଯୋଗ୍ୟ, ଅବିଭକ୍ତ ପୁରୀ ଜିଲ୍ଲାରେ ଥିବା ନୟାଗଡ଼ ସବ୍‌ଡିଭିଜନକୁ ୧୯୯୩ ମସିହା ଆଜିର ଦିନରେ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରଦାନ କରାଯାଇଥିଲା ।

# ଅଟିଜିମ୍ ଦିବସ

ଆଜି ବିଶ୍ୱ ଅଟିଜିମ୍ ଦିବସ । ଅଟିଜିମ ରୋଗ ମସ୍ତିଷ୍କର କାର୍ଯ୍ୟ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ମସ୍ତିଷ୍କର ବିକାଶ ସମ୍ବନ୍ଧୀୟ ରୋଗ ସାଧାରଣ ଭାବେ ଶୈଶବ ଅବସ୍ଥାରୁ ଆରମ୍ଭ ହୋଇଥାଏ । ଏହି ରୋଗର ଶିକାର ହୋଇଥିବା  ଶିଶୁ ଏବଂ ବୟସ୍କ ଲୋକମାନେ ଦେଖିବା, ଶୁଣିବା ଏବଂ ଅନୁଭବ କରିବାର ଲକ୍ଷଣରେ ବିଚ୍ୟୁତି ଦେଖାଦେଇଥାଏ । ଅଟିଜିମ୍ ରୋଗରେ ଆକ୍ରାନ୍ତ ଶିଶୁଙ୍କ ଭାଷାର ପରିପ୍ରକାଶ ଏବଂ ଶ୍ରବଣ ଶକ୍ତି ବହୁ ପରିମାଣରେ ହ୍ରାସ ଘଟିଥାଏ । ଅଟିଜିମ୍ ଏକ ସ୍ନାୟୁଗତ ସମସ୍ୟା ହୋଇଥିବାରୁ ଶୈଶବ ଅବସ୍ଥାରେ ଜଣେ ଶିଶୁର ମସ୍ତିଷ୍କ ସଠିକ୍ ଭାବରେ ବିକଶିତ ହୋଇ ନଥାଏ । ଜନ୍ମ ସମୟରେ ଏହି ରୋଗ ବାବଦରେ

ଜଣାପଡି ନଥାଏ। ଧୀରେ ଧୀରେ ପିଲାଟିର ଶାରୀରିକ ଅଭିବୃଦ୍ଧି ଘଟିଲେ ଏହି ରୋଗର ଲକ୍ଷଣ ଦେଖାଦେଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁସାରେ, ପ୍ରତି ୧୦୦ ଜଣ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍ ରୋଗର ଶିକାର ହୋଇଥାନ୍ତି। ଅଟିଜିମ୍ ରୋଗର ଚିକିତ୍ସା କରାଇପାରିଲେ ଶିଶୁର ବ୍ୟବହାରରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଥାଏ ଏବଂ ଶିଶୁର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ।

*********************************